
ପାଠ-୩


# ଟାଇଲ୍ ସଜାଇବା

ମାମୁନୀ ଚତୁର୍ଥ ଶ୍ରେଣୀରେ ପଢ଼େ । ସେ ପାଞ୍ଚ ଖଣ୍ଡ ବିଶିଷ୍ଟ ଟ୍ୟାନ୍‌ଗ୍ରାମ୍‌ର ଖଣ୍ଡଗୁଡ଼ିକୁ ନେଇ ବିଭିନ୍ନ ଆକୃତି ତିଆରି କରୁଥିଲା । ସେହି ସମୟରେ ତାର ସାନଭଉଣୀ କୁନ୍‌ମୁନି ସେଥିରୁ ଦୁଇଖଣ୍ଡ କାଗଜ ଚିରି ଦେଲା । ମାମୁନୀ ବ୍ୟସ୍ତ ହୋଇ ପଡ଼ିଲା । ମାମୁନୀର ବ୍ୟସ୍ତତା ଦେଖି ମା' କହିଲେ-"ବ୍ୟସ୍ତ ହୁଅନା, ମୁଁ ତୋ ପାଇଁ ଟ୍ୟାନ୍‌ଗ୍ରାମ୍ କାଟିଦେବି ।" ମା' ମାମୁନୀ ପାଇଁ କିପରି ଟ୍ୟାନ୍‌ଗ୍ରାମ୍ କାଟିଲେ ଲକ୍ଷ୍ୟକର ।'


- ବର୍ଗାକୃତିର କାଗଜଟିକୁ କ, ଖ, ଗ ଓ ଘ ନାମ ଦେଲେ ।





- କଖ, ଖଗ ଓ ଗଘ ବାହୁର ଠିକ୍ ମଝି ବିନ୍ଦୁ ନିର୍ଣ୍ଣୟ କରି ସେଗୁଡ଼ିକୁ ଯଥାକ୍ରମେ 'ଚ', 'ଛ' ଓ 'ଜ' ନାମ ଦେଲେ ।




- ବର୍ଗଚିତ୍ରର କଗ ଓ ଖଘ ଠାରେ କାଗଜ ଖଣ୍ଡକୁ ଭାଙ୍ଗ କଲେ ଓ ଭାଙ୍ଗ ଦୁଇଟିର ଛେଦବିନ୍ଦୁକୁ 'ଟ' ନାମ ଦେଲେ ।
- 'ଟ'କୁ 'କ', ଚ, ଛ ଓ ଘ ସହ ଯୋଗ କରି ରେଖାଖଣ୍ଡମାନ ଟାଣିଲେ ଏବଂ 'ଛ' କୁ 'ଜ' ସହ ଯୋଗକରି ରେଖାଖଣ୍ଡଟିଏ ଟାଣିଲେ ।




- ଚିତ୍ରରେ ଦର୍ଶାଯାଇଥିବା ପରି ପ୍ରତ୍ୟେକ ଖଣ୍ଡକୁ ୧, ୨, ୩, ୪, ୫ ନମ୍ବରରେ ଚିହ୍ନିତ କଲେ ।




- କଇଁଚିରେ କାଟି ପ୍ରତ୍ୟେକ ଖଣ୍ଡକୁ ଅଲଗା କଲେ ।


☞ ମାମୁନୀର ମା' ଯେପରି ୫ଖଣ୍ଡ ବିଶିଷ୍ଟ ଟ୍ୟାନଗ୍ରାମ୍‌ଟିଏ କାଟିଲେ, ତୁମେ ବର୍ଗାକୃତି କାଗଜ ଖଣ୍ଡେ ନେଇ ପାଞ୍ଚ ଖଣ୍ଡ ବିଶିଷ୍ଟ ଟ୍ୟାନ୍‌ଗ୍ରାମ୍ ପ୍ରସ୍ତୁତ କର । ପୂର୍ବପୃଷ୍ଠାରେ ଦିଆଯାଇଥିବା ଟ୍ୟାନ୍‌ଗ୍ରାମ୍‌ର ଚିତ୍ର ଦେଖି ତଳେ ଦିଆଯାଇଥିବା ପ୍ରଶ୍ନଗୁଡ଼ିକର ଉତ୍ତର ଲେଖ ।

(କ) ବର୍ଗାକୃତିଟିଏ କରିବା ପାଇଁ କେଉଁ ଦୁଇଟି ଟ୍ୟାନ୍‌ଗ୍ରାମ୍ ଖଣ୍ଡ ନେବା ?

(ଖ) ଆୟତାକୃତିଟିଏ କରିବା ପାଇଁ କେଉଁ ତିନୋଟି ଟ୍ୟାନ୍‌ଗ୍ରାମ୍ ଖଣ୍ଡ ନେବା ?


(ଗ) ବର୍ଗାକୃତି କରିବା ପାଇଁ କେଉଁ ତିନୋଟି ଟ୍ୟାନ୍‌ଗ୍ରାମ୍ ଖଣ୍ଡ ନେବା ?


(ଘ) ପାଞ୍ଚଖଣ୍ଡ ବିଶିଷ୍ଟ ଟ୍ୟାନ୍‌ଗ୍ରାମ୍‌ର ସବୁଖଣ୍ଡଗୁଡ଼ିକୁ ବ୍ୟବହାର କରି ନିମ୍ନ ଚିତ୍ରଗୁଡ଼ିକର ଆକୃତି ତିଆରି କର ।




## ସାତ ଖଣ୍ଡବିଶିଷ୍ଟ ଟ୍ୟାନ୍‌ଗ୍ରାମ୍ କାଟିବା ପ୍ରଣାଳୀ-


- ବର୍ଗାକୃତିର 'କାଗଜ' କୁ କଖଗଘ ନାମ ଦିଅ ।
- କଖ ଓ କଘ ବାହୁର ମଧ୍ୟବିନ୍ଦୁର ନାମ ଯଥାକ୍ରମେ 'ଚ' ଓ 'ଛ' ଦିଅ ।
- 'ଚ' ଓ 'ଛ' କୁ ଯୋଗ କର ଓ ଚଛର ମଧ୍ୟବିନ୍ଦୁର ନାମ 'ପ' ଦିଅ ।
- 'ପ' ଓ 'ଗ' ବିନ୍ଦୁ ଏବଂ 'ଘ' ଓ 'ଖ' ବିନ୍ଦୁକୁ ଯୋଗ କର ।
  $\overline{ପଗ}$ ଓ $\overline{ଖଘ}$ ର ଛେଦବିନ୍ଦୁକୁ 'ଫ' ନାମ ଦିଅ ।
- ଘଫ ଓ ଫଖ ର ମଧ୍ୟବିନ୍ଦୁର ନାମ ଯଥାକ୍ରମେ 'ବ' ଓ 'ଭ' ଦିଅ ।




'ଚ' କୁ 'ଭ' ସହ ଓ 'ପ' କୁ 'ବ' ସହ ଯୋଗ କର ।








- ଚିତ୍ରରେ ଦର୍ଶାଯାଇଥିବା ଭଳି ଖଣ୍ଡଗୁଡ଼ିକୁ ୧, ୨, ୩, ୪, ୫, ୬ ଓ ୭ ଲେଖି ନମ୍ବର ଦିଅ ।
- କଇଁଚିରେ କାଟି ଖଣ୍ଡଗୁଡ଼ିକୁ ଅଲଗା କର ।

☞ ୭ ଖଣ୍ଡବିଶିଷ୍ଟ ଟ୍ୟାନ୍‌ଗ୍ରାମ୍ ବ୍ୟବହାର କରି ନିମ୍ନ ଆକୃତିଗୁଡ଼ିକୁ ତିଆରି କର ।



(କ) (ଖ) (ଗ) (ଘ)




(ଙ) (ଚ) (ଛ) (ଜ) (ଝ) (ଡ)


କେଉଁ ଆକୃତିଟି କାହାର ଚିତ୍ର ଭଳି ଦେଖାଯାଉଛି ଲେଖ ।

☞ ୭ଖଣ୍ଡ ବିଶିଷ୍ଟ ଟ୍ୟାନ୍‌ଗ୍ରାମ୍ ବ୍ୟବହାର କରି ନିମ୍ନ ଆକୃତିଗୁଡ଼ିକୁ ତିଆରି କର ଏବଂ ସେଗୁଡ଼ିକୁ ଖାତାରେ ଅଠାଦେଇ ଲଗାଅ ।


(କ)




(ଖ)




(ଗ)




(ଘ)



(ଙ)




(ଚ)



## ଅଭ୍ୟାସ କାର୍ଯ୍ୟ

୧. ପାଞ୍ଚଖଣ୍ଡ ବିଶିଷ୍ଟ ଟ୍ୟାନ୍‌ଗ୍ରାମ୍ ଖଣ୍ଡମାନ କାଟି, ସେଗୁଡ଼ିକୁ ଉପଯୁକ୍ତ ସଂଖ୍ୟା ଦ୍ୱାରା ଚିହ୍ନିତ କର ।

(କ) ଦୁଇଟି ଛୋଟ ତ୍ରିଭୁଜ ଖଣ୍ଡକୁ ବ୍ୟବହାର କରି ନିମ୍ନ ଆକୃତିଗୁଡ଼ିକୁ ତିଆରି କର ।



ସୂଚନା: ଯେଉଁ ବର୍ଗାକୃତି ଖଣ୍ଡରୁ ଟ୍ୟାନ୍‌ଗ୍ରାମ୍ ଖଣ୍ଡମାନ କଟାଯିବ ତା'ର ପ୍ରତ୍ୟେକ ବାହୁର ଦୈର୍ଘ୍ୟ ଉପରିସ୍ଥ ବର୍ଗଚିତ୍ରର ବାହୁର ଦୈର୍ଘ୍ୟର ଦୁଇଗୁଣ ହେବା ଆବଶ୍ୟକ ।


(ଖ) ୪ ନମ୍ବର ଖଣ୍ଡ ଓ ଦୁଇଟି ଛୋଟ ତ୍ରିଭୁଜ ନେଇ ଆୟତଚିତ୍ର ଟିଏ ପ୍ରସ୍ତୁତ କର ଓ ତାହାର ବାହୁମାନଙ୍କର ଦୈର୍ଘ୍ୟ ମାପି ଲେଖ ।

(ଗ) ବର୍ଗାକୃତି ଖଣ୍ଡ ଓ ଛୋଟ ତ୍ରିଭୁଜ ଦୁଇଟି ନେଇ ଆୟତାକୃତିଟିଏ ପ୍ରସ୍ତୁତ କର ଓ ତାହାର ବଡ଼ ବାହୁର ଦୈର୍ଘ୍ୟ ମାପି ଲେଖ ।

(ଘ) ତିନୋଟି ତ୍ରିଭୁଜ ନେଇ ବର୍ଗାକୃତିଟିଏ ପ୍ରସ୍ତୁତ କର ଓ ତାହାର ବାହୁର ଦୈର୍ଘ୍ୟ ମାପି ଲେଖ ।

୨. ପାଞ୍ଚଖଣ୍ଡ ବିଶିଷ୍ଟ ଟ୍ୟାନ୍‌ଗ୍ରାମ୍‌ର ସମସ୍ତ ଖଣ୍ଡଗୁଡ଼ିକୁ ବ୍ୟବହାର କରି ନିମ୍ନ ଚିତ୍ରଗୁଡ଼ିକର ଆକୃତି ତିଆରି କର ।

(କ)




(ଖ) ପାଞ୍ଚଖଣ୍ଡ ବିଶିଷ୍ଟ ଟ୍ୟାନ୍‌ଗ୍ରାମ୍ ର ସମସ୍ତ ଖଣ୍ଡଗୁଡ଼ିକୁ ସଜାଇ ତୁମ ମନକୁ ଆସୁଥିବା ଦୁଇଟି ଆକୃତି କର ।

୪. ୭ ଖଣ୍ଡ ବିଶିଷ୍ଟ ଟ୍ୟାନ୍‌ଗ୍ରାମର ଦିଆଯାଇଥିବା ଖଣ୍ଡଗୁଡ଼ିକୁ ନେଇ ନିମ୍ନ ସୂଚନା ଅନୁଯାୟୀ ଆକୃତି ଗଠନ କର ଏବଂ ସେଗୁଡ଼ିକୁ ତୁମ ଖାତାରେ ଅଠା ଦେଇ ଲଗାଅ ।

(କ) ୧, ୨, ୩, ୫ ନମ୍ବର ଖଣ୍ଡଗୁଡ଼ିକୁ ନେଇ ଆୟତାକୃତିଟିଏ ପ୍ରସ୍ତୁତ କର ।

(ଖ) ୧, ୩, ୫, ୬, ୭ ନମ୍ବର ଖଣ୍ଡଗୁଡ଼ିକୁ ନେଇ ଆୟତାକୃତିଟିଏ ପ୍ରସ୍ତୁତ କର ।

(ଗ) ୩, ୪, ୫ ଖଣ୍ଡଗୁଡ଼ିକୁ ନେଇ ଆୟତାକୃତିଟିଏ ପ୍ରସ୍ତୁତ କର ।




(ଘ) ୩ ଓ ୫ ଖଣ୍ଡକୁ ନେଇ ଗୋଟିଏ ତ୍ରିଭୁଜାକୃତି ପ୍ରସ୍ତୁତ କର । ଏହି ଆକୃତିଟି କେଉଁ ସଂଖ୍ୟା ଚିହ୍ନିତ ଖଣ୍ଡ ସହ ସମ୍ପୂର୍ଣ୍ଣ ମିଶିଯିବ ଲେଖ ।

(ଙ)  ୧ , ୩ ଓ ୫ ଖଣ୍ଡକୁ ନେଇ ବର୍ଗାକୃତିଟିଏ ଗଠନ କର ।

(ଚ)  ୨ , ୩ ଓ ୫ ଖଣ୍ଡକୁ ନେଇ ତ୍ରିଭୁଜାକୃତିଟିଏ ଗଠନ କର ।

(ଛ)  ୬, ୨ , ୩ ଓ ୫ ଖଣ୍ଡକୁ ନେଇ ବର୍ଗାକୃତିଟିଏ ଗଠନ କର ।

(ଜ)  ୭ଟି ଯାକ ଖଣ୍ଡକୁ ନେଇ ତ୍ରିଭୁଜାକୃତିଟିଏ ଗଠନ କର ।


(ଝ)  ୧ , ୨ , ୩, ୪ ଓ ୫ ଖଣ୍ଡକୁ ନେଇ ବର୍ଗାକୃତିଟିଏ ପ୍ରସ୍ତୁତ କର ।

## ଚଟାଣ ସଜ୍ଜା


ତୁମେ ତୃତୀୟ ଶ୍ରେଣୀରେ ଚଟାଣରେ କିପରି ଟାଇଲ୍ ସଜାଯାଏ ସେ ବିଷୟରେ ଜାଣିଛ ।

- ନିମ୍ନରେ ଥିବା ସମ୍ପୂର୍ଣ୍ଣ ହୋଇ ନ ଥିବା ଚଟାଣ ସଜାକୁ ସମ୍ପୂର୍ଣ୍ଣ କର ।


(କ)




(ଖ)




(ଗ)




(ଘ)



(ଙ)




(ଚ)




## ଅଭ୍ୟାସ କାର୍ଯ୍ୟ

୧. (କ) ଏହି ଟାଇଲ୍ ସାହାଯ୍ୟରେ ଚଟାଣ ସଜା ପୂର୍ଣ୍ଣ କର ।




(ଖ) ଏହି ବିନ୍ଦୁ ଗ୍ରୀଡ୍‌ରେ ତୁମ ଇଚ୍ଛା ଅନୁଯାୟୀ ଟାଇଲ୍ ନେଇ ସଜାଅ ।




୨. ନିମ୍ନ ସଂରଚନା ମଧ୍ୟରୁ କେଉଁ କେଉଁ ସଂରଚନାକୁ ନେଇ ଚଟାଣ ସଜା ପୂର୍ଣ୍ଣ କରିହେବ ତା ତଳେ ( ✓ ) ଠିକ୍ ଚିହ୍ନ ଦିଅ ।


(କ)




(ଖ)



(ଗ)




(ଘ)



(ଙ)




(ଚ)




(ଛ)




(ଜ)




(ଝ)



(ଞ)



(ଟ)




(ଠ)




୩. ନିମ୍ନ ଚଟାଣ ସଜାରେ କେଉଁ କେଉଁ ଆକୃତିର ଟାଇଲ୍ ବ୍ୟବହାର କରାଯାଇଛି, ତାହାକୁ ଚିତ୍ରରେ ଦେଖାଅ ।


(କ)




(ଖ)



(ଗ)




(ଘ)




ସେହି ଆକୃତିକୁ ନେଇ ତୁମେ ତୁମ ମନ ପସନ୍ଦର ଚଟାଣ ସଜା ତିଆରି କର ।

୪. ଚଟାଣ ସଜାକୁ ସଂପୂର୍ଣ୍ଣ କର ।


(କ)




(ଖ)




(ଗ) ସୀତା ଇଟାରେ କାନ୍ଥ ତିଆରି କରୁଥିଲା । ତୁମେ ତା'ର କାନ୍ଥକୁ ସମ୍ପୂର୍ଣ୍ଣ କର ଓ ସେଥିରେ ଦୁଇ ପ୍ରକାର ରଙ୍ଗ ଦିଅ ।




(ଘ) ଚଟାଣରେ ଟାଇଲ୍ ସଜାକୁ ସଂପୂର୍ଣ୍ଣ କରିବା ପରେ ଦିଆଯାଇଥିବା ଭଳି ରଙ୍ଗ କର ଓ କେତୋଟି ରଙ୍ଗୀନ୍ ଟାଇଲ୍ ପାଇଲ ଲେଖ ।



(ଙ)କାନ୍ଥଟିକୁ ସଂପୂର୍ଣ୍ଣ କର ।



(ଚ) ଚଟାଣଟିକୁ ରଙ୍ଗ ଦିଅ ।



୫. ଷଡ଼ଭୁଜାକୃତି ଟାଇଲ୍ ଦ୍ୱାରା ନିମ୍ନ ଚଟାଣଟିକୁ ସଜାଅ ।

୬. ରାଜମିସ୍ତ୍ରୀ ଇଟା କାନ୍ଥ ତିଆରି ବେଳେ ଇଟାଗୁଡ଼ିକୁ ଯେଭଳି ସଜାନ୍ତି, ତା'ର ଦୁଇଟି ଭିନ୍ନ ଭିନ୍ନ ଡିଜାଇନ୍ କର ।